କୁମୁଦ ଲତା ଦାସ

ବନାମ

ଇନ୍ଦୁ ପ୍ରସାଦ

19 ସେପ୍ଟେମ୍ବର, 1996

[କେ. ରାମାସ୍ୱାମୀ, ଫୈଜାନ ଉଦ୍ଦୀନ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିବୃନ୍ଦ]

*ଦେୱାନୀ ପ୍ରକ୍ରିୟା ସଂହିତା, 1908:*

*ଆଦେଶ IX ନିୟମ 13 – ଏକତରଫା ଫଏସଲାକୁ ବାତିଲ କରିବା ପାଇଁ ଆବେଦନ – ସମ୍ପତ୍ତି ବୋହୂଙ୍କ ଦଖଲରେ ଅଛି – ସେ ତାଙ୍କ ସ୍ୱାମୀଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ବଞ୍ଚିପାରିଲେ ନାହିଁ – ଶାଶୁ ତାଙ୍କ କଥିତ ମାଲିକାନା ଆଧାରରେ ଦଖଲ ପାଇଁ ମକଦ୍ଦମା ଦାଖଲ କରିଥିଲେ – ଅପିଲକାରୀଙ୍କୁ ଏକତରଫା ସ୍ଥିର କରାଯାଇଥିଲା – ଏକତରଫା ଫଏସଲାର ନିଷ୍ପାଦନ ପାଇଁ ମଧ୍ୟବର୍ତ୍ତୀ କ୍ଷତିପୂରଣ ଜମା କରିବାର ସର୍ତ୍ତ ଲାଗୁ କରି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଫଏସଲାର ପୁନରୁଦ୍ଧାର ପାଇଁ କରାଯାଇଥିବା ଆବେଦନକୁ ପରିସମାପ୍ତି କରାଯାଇଛି – ନ୍ୟାୟସଙ୍ଗତ ନୁହେଁ – ଗୁଣବତ୍ତା ଆଧାରରେ ଏବଂ ଆଇନ ଅନୁଯାୟୀ ଫଏସଲାକୁ ବାତିଲ କରିବା ପାଇଁ ଆବେଦନର ସାନି ବିଚାର ପାଇଁ ମାମଲାକୁ ଉଚ୍ଚ ନ୍ୟାୟାଳୟକୁ ପୁନଃପ୍ରେରଣ କରାଯାଇଛି ।*

ଦେୱାନୀ ଅପିଲ ଅଧିକାରିତା :ଦେୱାନୀ ଅପିଲ ସଂଖ୍ୟା 12729/1996 ।

ମକଦ୍ଦମା ସଂଖ୍ୟା 3781/1990 ରେ ଆଇ.ଏ. ସଂଖ୍ୟା 8629/95 ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ 16.4.96 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଏମ୍. ଏନ୍. କୃଷ୍ଣମଣି ଏବଂ ଏସ୍. ବି. ଉପାଧ୍ୟାୟ ।

ଉତ୍ତରଦାତାଙ୍କ ପାଇଁ ଏ. କେ. ଗାଙ୍ଗୁଲି, ଏନ୍. ଏସ୍. ବିଷ୍ଟଙ୍କ ପାଇଁ ମନୀଷ ମିଶ୍ର ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ମକଦ୍ଦମା ସଂଖ୍ୟା 3781/90 ରେ ଆଇ.ଏ.ସଂଖ୍ୟା 8629/95 ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା 16 ଏପ୍ରିଲ୍, 1996 ରେ ଦିଆଯାଇଥିବା ଆଦେଶରୁ ଉତ୍ପନ୍ନ ହୋଇଛି । ଏହି ମକଦ୍ଦମା ଅପିଲକାରୀଙ୍କ ଠାରୁ ସମ୍ପତ୍ତିର ଦଖଲ ପାଇଁ ଥିଲା । ବାଦୀ ହେଉଛନ୍ତି ଅପିଲକାରୀଙ୍କ ଶାଶୁ । ଅପିଲକାରୀ ଏବଂ ତାଙ୍କ ସ୍ୱାମୀ ବୈବାହିକ ବନ୍ଧନରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ରହିବାକୁ ସକ୍ଷମ ନୁହଁନ୍ତି । ଛାଡ଼ପତ୍ର ପାଇଁ କାର୍ଯ୍ୟବିଧି

ବିଚାରାଧୀନ ରହିଛି । ଅପିଲକାରୀ ସମ୍ପତ୍ତିର ଦଖଲରେ ଅଛନ୍ତି ତେଣୁ, ଉତ୍ତରଦାତା-ଶାଶୁ ତାଙ୍କ କଥିତ ମାଲିକାନା ଆଧାରରେ ଦଖଲ ପାଇଁ ଏକ ମକଦ୍ଦମା ଦାଖଲ କରିଥିଲେ । ଅପିଲକାରୀଙ୍କୁ ଏକ ତରଫା ଭାବେ ସ୍ଥିର କରାଯାଇଥିଲା ଏବଂ ଆଦେଶ 9, ନିୟମ 13 ସିପିସି ଅଧୀନରେ ଆବେଦନ ବର୍ତ୍ତମାନ ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି । ଏହି ଫଏସଲାର ପୁନରୁଦ୍ଧାର ପାଇଁ, କରାଯାଇଥିବା ଆବେଦନକୁ, ଜମା କରିବା ଏବଂ ଏକତରଫା ଫଏସଲାର ତାରିଖ ଠାରୁ ମାସକୁ 2,000 ଟଙ୍କା ହାରରେ ମଧ୍ୟବର୍ତ୍ତୀ କ୍ଷତିପୂରଣ ଜମା କରିବା ଜାରି ରଖିବା ପାଇଁ ନିର୍ଦ୍ଦେଶ ସହିତ ପରିସମାପ୍ତି କରାଯାଇଛି । ତେଣୁ, ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ।

ପକ୍ଷମାନେ ଘନିଷ୍ଠ ଭାବରେ ଜଡ଼ିତ ଏବଂ ଏହି ପ୍ରସଙ୍ଗକୁ ଏକତରଫା ଭାବରେ ପରିସମାପ୍ତି କରାଯାଇଛି, ଏହି ତଥ୍ୟକୁ ଦୃଷ୍ଟିରେ ରଖି ଆମର ମତ ହେଉଛି ଯେ, ଏକତରଫା ଫଏସଲାର ତାରିଖ ଠାରୁ ମଧ୍ୟବର୍ତ୍ତୀ କ୍ଷତିପୂରଣ ଜମା କରିବାର ଖର୍ଚ୍ଚ ଲାଗୁ କରିବା ଏବଂ ଏକତରଫା ଫଏସଲା ରଦ୍ଦ କରିବା ପାଇଁ ଆବେଦନକୁ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଏକ ସର୍ତ୍ତ ଭାବରେ ଏହାକୁ ଜମା କରିବା ଜାରି ରଖିବା ପାଇଁ ଏହା ଏକ ଉପଯୁକ୍ତ ମାମଲା ନୁହେଁ । ଅଧିକନ୍ତୁ, ଏପରି କଠିନ ସର୍ତ୍ତ ବୈଧ ନୁହେଁ, ଯଦିଓ ସ୍ୱେଚ୍ଛାଧିନ ଅଟେ ।

ଏହି ପରିସ୍ଥିତିରେ, ଆମେ ଭାବୁଛୁ ଯେ, ବିଜ୍ଞ ଏକକ ବିଚାରପତି ଏକତରଫା ଫଏସଲାର ନିଷ୍ପାଦନ ପାଇଁ ଏକ ପୂର୍ବ ସର୍ତ୍ତ ଭାବରେ ମଧ୍ୟବର୍ତ୍ତୀ କ୍ଷତିପୂରଣ ଜମା କରିବାର ସର୍ତ୍ତ ଲାଗୁ କରିବାରେ ଉଚିତ ନଥିଲେ । ତଦନୁସାରେ ଉଚ୍ଚ ନ୍ୟାୟାଳୟର ଆକ୍ଷେପିତ ଆଦେଶକୁ ବାତିଲ କରାଯାଇଛି । ଏକତରଫା ଫଏସଲାର ନିଷ୍ପାଦନକୁ ସ୍ଥଗିତ ରଖାଯିବ । ଗୁଣବତ୍ତା ଆଧାରରେ ଏବଂ ଆଇନ ଅନୁଯାୟୀ ଫଏସଲାକୁ ବାତିଲ କରିବା ପାଇଁ ଆବେଦନ ଉପରେ ସାନି ବିଚାର ପାଇଁ ଏହି ମାମଲା ଉଚ୍ଚ ନ୍ୟାୟାଳୟକୁ ପୁନଃପ୍ରେରଣ କରାଯାଇଛି ।

ଅପିଲକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ୍. ଅପିଲକୁ ଅନୁମତି ଦିଆଯାଇଛି ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ